# ତହସିଲଦାରଙ୍କ ଅଦାଲତ, ହିନ୍ଦୋଳ

## ରାଜସ୍ୱ ବିବିଧ  ମାମଲା ସଂ:- ୭୦ /୨୦୨୩

## ସର୍ବସାଧାରଣ  ଇସ୍ତାହାର

ଏତଦ୍ୱାରା ବେରୁଆଁପାଳ ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନତଫସିଲ୍ ବର୍ଣ୍ଣିତ ସରକାରୀ ଜମିକୁ  ଇଡିକୋ ଓଡିଶା ଭୁବନେଶ୍ୱରଙ୍କ ସପକ୍ଷରେ ଶିଳ୍ପ ପ୍ରତିଷ୍ଠା ପାଇଁ ବସ୍ତିଯୋଗ୍ୟ କିସମ ରୁ ପତିତ କିସମ ଏବଂ ରକ୍ଷିତ ଖାତା ରୁ ଆବାଦ ଯୋଗ୍ୟ ଅନାବାଦି ଖାତା କୁ ପରିବର୍ତ୍ତନ କରାଯାଇ କବୁଲିୟତ୍ ମଞ୍ଜୁର କରାଯିବା ପାଇଁ ପ୍ରସ୍ତାବ ରହିଅଛି। ଏହି ପ୍ରସ୍ତାବରେ କାହାରି କିଛି ଦାବୀ ଆପତ୍ତି ଥିଲେ ଉକ୍ତ ଇସ୍ତାହାର ଜାରୀ ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଲିଖିତ ଆକାରରେ  ଜଣାଇବେ । ମିଆଦ ଗତେ କୌଣସି ଦାବୀ ଆପତ୍ତି ବିଚାର ଗ୍ରହଣ କରାଯିବ ନାହିଁ ଏବଂ ନିୟମ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ତଫସିଲ

| ମୌଜା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ରକବା | କିସମ |
|---|---|---|---|---|
| ବେରୁଆଁପାଳ | ୨୦୭ | ୧୮୭/୩୦୧୧(p) | ଏ.୦.୩୦୦ | ବସ୍ତିଯୋଗ୍ୟ |
| | (ରକ୍ଷିତ) | ମୋଟ | ଏ. ୦.୩୦୦ | |

ତହସିଲଦାର, ହିନ୍ଦୋଳ
Tahasildar
Hindol

ଏହାର ନକଲ :-

ଏହାର ଏକକିତା ନକଲ ଢେଙ୍କାନାଳ ଜିଲ୍ଲା ସୂଚନା ଅଧିକାରୀଙ୍କ ନିକଟକୁ,  ୱେବସାଇଟ୍ ମାଧ୍ୟମରେ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ଏବଂ ଏକକିତା ଲେଖାଏଁ ନକଲ ବିଜ୍ଞାପନ ଫଳକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଗାଲପଡା /  ତହସିଲ୍ କାର୍ଯ୍ୟାଳୟ, ହିନ୍ଦୋଳରେ ଲଟକାଇବା ସହ ଏକକିତା ନକଲ ସଂପୃକ୍ତ ମୌଜାର ମୋନଦୀ ଦ୍ୱାରା ଜାରିକରି ଡ଼ାକବାଜି ଯନ୍ତ୍ର ଦ୍ୱାରା ବହୁଳ ପ୍ରଚାର ନିମନ୍ତେ ଆଦେଶିକା ପତ୍ର ଜରିକାରଙ୍କୁ ଦିଆଗଲା।

ତହସିଲଦାର, ହିନ୍ଦୋଳ
Tahasildar
Hindol